# ସାପ ଶିଢ଼ି ଖେଳ, ଅର୍ଥନୀତିର ଅଜବ ଅଙ୍କ

ସମୟ ସନ୍ଧ୍ୟା। ରାସ୍ତାକଡ଼ର ଗୋଟାଏ ଗଛ ମୂଳେ ଯାଦୁ ଖେଳ ହେଉଥିଲା। ଭିଡ଼ ଜମି ଆସୁଥିଲା। ସମସ୍ତେ ସମସ୍ତଙ୍କୁ ଠେଲି ଆଗକୁ ଯିବା ପାଇଁ ଚେଷ୍ଟା କରୁଥିଲେ। ଯାଦୁକର କହୁଥିଲା, 'ମେହେରବାନ୍,. କଦରଦାନ୍.. ଅବ୍ ସୁରୁ ହୋଗା...' ଗୋଟାଏ ହାତରେ ବିନ୍ ବଜେଇ ଆଉ ହାତ ପେଡ଼ିରେ ରଖୁଥିଲା ଯାଦୁକର। ପେଡ଼ି ଭିତରୁ କାଢ଼ି ଆଣିଥିଲା ମୋଟା ଦଉଡ଼ିର ଗୋଟାଏ ମୁଣ୍ଡ। 'ଅବ୍ ଦେଖିୟେ ଯାଦୁ...।' ବିନ୍ ସହିତ ତାଳ ଦେଇ ଦଉଡ଼ି ଏଣିକି ଉପରକୁ ଉଠୁଥିଲା। ସିଧାସିଧା ଏକ ଖମ୍ବ ପରି। ଚାହୁଁ ଚାହୁଁ ଦଉଡ଼ିର ଉପର ମୁଣ୍ଡ ଅଦୃଶ୍ୟ ହୋଇଯାଉଥିଲା.... ଆକାଶରେ (!) ତହୁଁ ବିନ୍ ବଜେଇବା ଟିକିଏ ବନ୍ଦ କରି ଉପରମୁହାଁ ହୋଇ ରହିଥିବା ଦର୍ଶକଙ୍କୁ ଯାଦୁକର କହୁଥିଲା 'ୟେ ତୋ ସୁରୁବାତ୍ ହୈ... ଆଗେ ଦେଖିୟେ...'। ଆଚମ୍ବିତ ଦର୍ଶକ ତାଳିମାଡ଼ କରୁଥିଲେ। ଯାଦୁକର ଏଥର ଇସାରା କରୁଥିଲା ତା' ସହକାରୀକୁ, ଯିଏ ପ୍ରକୃତରେ ଥିଲା ୭/୮ ବର୍ଷର ସାନ ପିଲାଟିଏ। 'ବେଟା, ରସି ପକଡ଼୍‌ଲୋ ଔର୍ ଦିଖାଓ ଅପ୍‌ନା କମାଲ୍...!' ପିଲାଟି ରସି ଧରି ଉପରକୁ ଚଢ଼ିବା ଆରମ୍ଭ କରୁଥିଲା ଏବଂ କେଇ ମିନିଟ୍ ଭିତରେ ଅନ୍ତର୍ଧାନ ହୋଇଯାଉଥିଲା। 'ଦେଖିୟେ... ଗାଏବ୍ ହୋ ଗୟା ବଚ୍ଚା... ଆସ୍‌ମାନ୍‌ମେଁ...' ଯାଦୁକର

ଏଥର ଜୋରରେ ବିନ୍ ବଜେଇବା ଆରମ୍ଭ କରୁଥିଲା। ଦର୍ଶକମାନେ ତାଳି ମାରୁଥିଲେ। ଏତିକିବେଳେ ସେମାନଙ୍କୁ ଆହୁରି ଆଶ୍ଚର୍ଯ୍ୟ କରି ସ୍ୱୟଂ ଯାଦୁକର ଅଦୃଶ୍ୟ ହୋଇଯାଉଥିଲା। ଲୋକେ ଫୁସ୍‌ଫାସ୍ ହେଉଥିଲେ। ଆଖି ତରାଟି ଉପରକୁ ଚାହୁଁଥିଲେ ଏବଂ ଗହଳି ଭିତରେ ଯାଦୁକରଙ୍କୁ ଖୋଜୁଥିଲେ। ସିଏ କ'ଣ ଥିଲା କି ? କେଇ ମିନିଟ୍ ପରେ ଉପରୁ ପଡୁଥିଲା ସେଇ ସାନ ପିଲାଟିର କଟା ମୁଣ୍ଡ, ହାତ, ଗୋଡ଼... ବିକ୍ଷିପ୍ତ ହୋଇ। ଲୋକେ ଚିତ୍କାର କରୁଥିଲେ। ପୁଣି ସେତିକି ବେଳକୁ ହାତରେ ବିନ୍ ଧରି ହଠାତ୍ ତା ପେଡ଼ି ପାଖରେ ଉପସ୍ଥିତ ହେଉଥିଲା ଯାଦୁକର। ପିଲାଟିର ଅଙ୍ଗପ୍ରତ୍ୟଙ୍ଗ ଏକାଠି କରି ସେ ଯୋଡୁଥିଲା ଏବଂ ମଇଳା କନା ଖଣ୍ଡେ ତା ଉପରେ ଘୋଡ଼େଇ ଦେଇ ବିନ୍ ବଜଉଥିଲା। ମଝିରେ ମଝିରେ ଉତ୍କଣ୍ଠିତ ତଥା ତଟସ୍ଥ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ କହୁଥିଲା, 'ଆପ୍ ଦୁଆ କିଜିୟେ... ହମ୍ କୋସିସ୍ କରତେ ହେଁ... ଆଗେ ଉପରୱାଲାକି ମର୍ଜି... କେଇ ମିନିଟ୍‌ର ଉତ୍କଣ୍ଠା ପରେ ସେଇ ମଇଳା କନା ତଳୁ ଆସ୍ତେ ଉଠୁଥିଲା ଛୋଟ ପିଲାଟି। ତା ଦେହରେ କ୍ଷତର ସାମାନ୍ୟ ଚିହ୍ନ ନ ଥିଲା।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଏଇ ଯାଦୁଖେଳ ପାଶ୍ଚାତ୍ୟରେ ପ୍ରସିଦ୍ଧ ଥିଲା 'ଗ୍ରେଟ୍ ଇଣ୍ଡିଆନ୍ ରୋପ୍ ଟ୍ରିକ୍' ଭାବରେ। ଭାରତରୁ ଯେଉଁ ପର୍ଯ୍ୟଟକ ଫେରୁଥିଲା ସିଏ ତା ଦେଶରେ ଏଇ ଖେଳର ଚର୍ଚ୍ଚା କରୁଥିଲା। ପୃଥିବୀର କାହିଁ ବଡ଼ ବଡ଼ ଯାଦୁକରମାନେ ଭାରତୀୟ 'ରୋପ୍ ଟ୍ରିକ୍'ର କୂଳକିନାରା ବି ପାଉ ନ ଥିଲେ। ଅର୍ଥାତ୍, ତାହା ଥିଲା ତତ୍କାଳୀନ ପୃଥିବୀର ସବୁଠୁ ବଡ଼ ପ୍ରହେଳିକା। ତେବେ ପରେ ଜଣା ପଡ଼ିଥିଲା ଯେ 'ରୋପ୍ ଟ୍ରିକ୍' ଥିଲା ଏକ ନିର୍ଦ୍ଦିଷ୍ଟ ପାଶ୍ଚାତ୍ୟ ଖବରକାଗଜର କାରସାଦି। ଖବରକାଗଜର ବିକ୍ରି ବଢ଼େଇବା ପାଇଁ ଏକ ସୁଚିନ୍ତିତ ଚାଲ୍। ଅନ୍ୟ ଅର୍ଥରେ, ଏମିତି ଅଦ୍ଭୁତ ଯାଦୁଖେଳ କେହି ଜଣେ ବି ଭାରତରେ ଦେଖି ନ ଥିଲେ। ତେବେ ତିନି ତୁଣ୍ଡରେ ଛେଳି କୁକୁର ପାଲଟୁଥିବା ଭଳି କଥା କେବଳ ସେତେବେଳେ ନ ଥିଲା, ଏବେ ବି ଅବ୍ୟାହତ ରହିଛି। ନିକଟରେ ପୃଥିବୀର ବିକାଶୋନ୍ମୁଖୀ ଅର୍ଥନୀତିମାନଙ୍କ ଉପରେ ପ୍ରକାଶିତ ଏକ ପୁସ୍ତକରେ ଭାରତୀୟ ଅର୍ଥନୀତିର ଭବିଷ୍ୟତ ଆକଳନ କଲା ବେଳେ 'ରୋପ୍ ଟ୍ରିକ୍' ପ୍ରସଙ୍ଗ ଉଠେଇଛନ୍ତି ଲେଖକ ରୁଚିର୍ ଶର୍ମା। ବହିଟିର ନାଁ 'ବ୍ରେକ୍ ଆଉଟ୍ ନେସନ୍‌ସ' ଏବଂ ସମ୍ପୃକ୍ତ ଅଧ୍ୟାୟର ନାଁ 'ଦି ଗ୍ରେଟ୍ ଇଣ୍ଡିଆନ୍ ହୋପ୍‌ଟ୍ରିକ୍'। ମୋର୍ଗାନ୍ ଷ୍ଟାନ୍‌ଲେ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟର ମୁଖ୍ୟ ଶର୍ମା ମାସରେ ଅନ୍ତତଃ ସପ୍ତାହେ ବୁଲନ୍ତି। କୌଣସି ନା କୌଣସି ଦେଶକୁ ଯା'ନ୍ତି। ସେଇ ଗସ୍ତ କ୍ରମରେ ସେ ନିଜ ସଂସ୍ଥାର ବେପାର କଥା ତ ବୁଝନ୍ତି, ସମୟ ବାହାର କରି ସମ୍ପୃକ୍ତ ଦେଶର ଅର୍ଥନୀତିକୁ ବି ବୁଝନ୍ତି। ଏହାର ବିନ୍ୟାସ ଏବଂ ଚରିତ୍ର ଅଧ୍ୟୟନ କରନ୍ତି। ରୁଚିରଙ୍କ ମତ ଯେ ଗତ ୧୦ ବର୍ଷ ଧରି ବିଶ୍ୱର

ଯେଉଁ ପ୍ରମୁଖ ଅର୍ଥନୀତି/ ରାଷ୍ଟ୍ର ଅଭିବୃଦ୍ଧିର ଗ୍ରାଫ୍‌ରେ ଲଗାତର ଉପରମୁହାଁ ଅଛନ୍ତି, ଏବେ ଖୁବ୍ ସମ୍ଭବ ସେମାନେ ସେଇ ସ୍ଥିତି ରକ୍ଷା କରିପାରିବେ ନାହିଁ। ଏମିତି ଅର୍ଥନୀତିମାନଙ୍କ ମଧ୍ୟରେ ଆଗରେ ଅଛନ୍ତି ଚୀନ୍ ଓ ଭାରତ। ଶର୍ମାଙ୍କ କହିବା କଥା ହେଲା, ଏବେ ଅର୍ଥନୀତିର ପାଣିପାଗ ବଦଳି ସାରିଛି। ଆଗକୁ ଆହୁରି ବଦଳିବ। ସେଇ କ୍ରମରେ ଏବେ ଚର୍ଚ୍ଚାରେ ନ ଥିବା କିଛି ରାଷ୍ଟ୍ର ଅର୍ଥନୈତିକ ଅଭିବୃଦ୍ଧିର ଆଗକୁ ଆସିଯିବେ ଏବଂ ଖେଳର ମୋଡ଼ ବଦଳେଇ ଦେବେ ଯାହା ଆଗରୁ ଚିନ୍ତା କରାଯାଇ ନ ଥିଲା। ସହଜିଆ ପଇସା ଏବଂ ତହୁଁ ସହଜିଆ ଅର୍ଥନୈତିକ ଅଭିବୃଦ୍ଧିର ସାପ ଶିଡ଼ି ଖେଳରେ ସବୁବେଳେ ଶିଡ଼ି ଚଢ଼ି ଶୀର୍ଷରେ ପହଞ୍ଚିବାର ସମ୍ଭାବନା ନାହିଁ। ପାଲିରେ ଦାନ ପାଚିବାର ଠିକ୍ ଆଗରୁ ବି ଲମ୍ବା ସାପଟିଏ ଗିଳି ଦେବାର ଆଶଙ୍କା ରହିଛି। କୌଣସି ଗୋଟିଏ ଦେଶ ତେଣୁ ନିରନ୍ତର ସୌଭାଗ୍ୟ ଜୁଟେଇ ପାରିବାର ଆଶା କ୍ଷୀଣ। ଭାରତ ପରିପ୍ରେକ୍ଷୀରେ ଶର୍ମା କହିଛନ୍ତି ଯେ 'ରୋପ୍ ଟ୍ରିକ୍' ପରି ଅଜବ ଖେଳ ପାଇଁ ଯଦିଓ ଭାରତ ଆଉ ଚର୍ଚ୍ଚାରେ ନାହିଁ, ତଥାପି କ୍ରମାଗତ କେତେ ବର୍ଷ ଧରି ଭାରତରୁ ଯେଉଁ ପର୍ଯ୍ୟଟକ (ପାଶ୍ଚାତ୍ୟ) ଫେରୁଛି ସିଏ ଆଶ୍ଚର୍ଯ୍ୟ ହେଉଛି। ଗୋଟାଏ ଦଶନ୍ଧି ଭିତରେ ଭାରତ ଢ଼େର୍ ଆଗକୁ ଚାଲିଯାଇଛି। ଏହା କୌଣସି ଗୁଣରେ 'ରୋପ୍ ଟ୍ରିକ୍' ଠାରୁ କମ୍ ଆଶ୍ଚର୍ଯ୍ୟଜନକ ନୁହେଁ। ଭାରତର ବଜାର କେବଳ ବ୍ୟାପକ ନୁହେଁ, ବର୍ଣ୍ଣଳ ମଧ୍ୟ। ୫୦୦୦ରୁ ଅଧିକ କମ୍ପାନୀ ଏଠି 'ଷ୍ଟକ୍ ମାର୍କେଟ୍' ତାଲିକାରେ, ଯେଉଁସବୁ ଭିତରୁ ଅନ୍ତତଃ ୧୦୦୦ କମ୍ପାନିରେ ହୋଇଛି ବୈଦେଶିକ ପୁଞ୍ଜି ବିନିଯୋଗ। ତହିଁରୁ ୧୫୦ କମ୍ପାନିର ପ୍ରତିଭୂତିର ବଜାର ମୂଲ୍ୟ ୧ ମିଲିୟନ୍ ଡଲାରରୁ ଅଧିକ। ଚୀନ୍‌ର ସ୍ଥାନୀୟ ବଜାର ଅବଶ୍ୟ ସମୃଦ୍ଧ କିନ୍ତୁ ସେଠି ବୈଦେଶିକ ପୁଞ୍ଜି ନିବେଶର ତୋଫା ଚେହେରା କାହିଁ? ଭାରତରେ ସବୁ କ୍ଷେତ୍ରରେ ଆନ୍ତର୍ଜାତିକ ପୁଞ୍ଜି ଲଗାଣ ହୋଇଛି- ତାହା ଆଇଟି/ବିପିଓ ହେଉ, ଭିତ୍ତିଭୂମି ବିକାଶ ହେଉ, ଫାର୍ମାସିଉଟିକାଲ୍‌ସ ବା କାର୍ ଶିଳ୍ପ ହେଉ। ଏସବୁ ଛୋଟିଆ କଥା ନୁହେଁ।

ଶର୍ମା କହିଛନ୍ତି ଯେ ଭାରତୀୟ ଅର୍ଥନୀତିର ପ୍ରାକ୍ ଉଦାରୀକରଣ ଜମାନାରେ ବଜାର ପ୍ରକୃତରେ ଖୋଲି ପାରି ନ ଥିଲା। ଲାଇସେନ୍‌ସରାଜ ଛିଡ଼ା ହୋଇଥିଲା ଅର୍ଥନୀତିର ସବୁଠୁ ବଡ଼ ଶତ୍ରୁ ହୋଇ। ଏହା ଅଣନିଶ୍ୱାସୀ କରି ପକଉଥିଲା ଶିଳ୍ପୋଦ୍ୟୋଗୀମାନଙ୍କୁ। ସେ ସ୍ଥିତି ସିନା ଆଉ ନାହିଁ, କିନ୍ତୁ ଭାରତୀୟ ଅର୍ଥନୀତି କ୍ରମଶଃ ସ୍ଥିର/ସଙ୍କୁଚିତ (!) ହେବା ଆରମ୍ଭ କରିଛି। ଆମ ପଣ୍ଡିତମାନଙ୍କର ଜିଡିପି (ମୋଟ ଘରୋଇ ଉତ୍ପାଦନ) କେନ୍ଦ୍ରିକ ମାନସିକତା ଏବଂ ସେ ନେଇ ଅଙ୍କ କଷା ଆମକୁ ପ୍ରକୃତ ସ୍ଥିତିଠୁ ଦୂରେଇ ରଖିଛି। ବାର୍ଷିକ ୮ରୁ୯ ପ୍ରତିଶତ ଅଭିବୃଦ୍ଧି, ଯାହା ଆମର ଅଭ୍ୟାସରେ ପଡ଼ି ଆସିଥିଲା, ଏବେ ହ୍ରାସ ପାଇଛି ପାଖାପାଖି ୭%କୁ। ବିକାଶ ଏଯାଏଁ ଅନ୍ତର୍ଭୁକ୍ତୀ ହେବାର ନାଁ ଧରୁନାହିଁ। ଲାଇସେନ୍‌ସ-



30
31
32
33 FINISH
28
27
26
25
20
21
22
19
10
11
12
14
9
7
6
5
START
1
2
3
4

କରଣ ସରକାରୀ ଭାବରେ ହୁଏତ ତିଷ୍ଠି ନାହିଁ କିନ୍ତୁ ତା'ର ପ୍ରକାଣ୍ଡ ଛାଇ ଏବେ ବି ବାବନା ଭୂତ ହୋଇ ଗୋଡ଼ଉଛି। ୨୦୦୮ରେ ଭାରତୀୟ ବ୍ୟବସାୟରେ ପୁଞ୍ଜିନିବେଶ ଏହାର ଜିଡିପିର ୧୭% ଥିବାବେଳେ ୨୦୧୧ରେ ତାହା ହ୍ରାସ ପାଇଛି ୧୩%କୁ। ବ୍ୟବସାୟୀ- ଅମଲାତନ୍ତ୍ର ମଧୁଚନ୍ଦ୍ରିକା (କ୍ରୋନି କ୍ୟାପିଟାଲିଜମ୍) ଅର୍ଥନୈତିକ ଅଭିବୃଦ୍ଧିକୁ ବାଟମାରଣା କରିବା ଜାରି ରଖିଛି। ଅର୍ଥାତ୍, ପ୍ରାଶାସନିକ ସଂସ୍କାର ସେତେଟା ପ୍ରଭାବଶାଳୀ ହୋଇ ପାରିନାହିଁ। ଗତ କେଇ ବର୍ଷ ଭିତରେ ଭାରତରେ ଚର୍ଚ୍ଚାକୁ ଆସିଥିବା ବୃହତ୍ ସ୍କାମ୍ ଦୁର୍ନୀତି ମୂଳରେ ପ୍ରକ୍ରିୟାରତ 'କ୍ରୋନି କ୍ୟାପିଟାଲିଜମ୍'।

ରୁଚିରଙ୍କ ମତ ଯେ ଅଭିବୃଦ୍ଧିର ସୁଫଳ ଖାସ୍ ଏକ ନିର୍ଦ୍ଦିଷ୍ଟ ବର୍ଗକୁ ପରିପୁଷ୍ଟ କରୁଥିବାରୁ ରାଷ୍ଟ୍ରର ଅର୍ଥନୈତିକ ସଂସ୍କାର ବିରୋଧରେ ଜନ ଅସନ୍ତୋଷ ମୁଣ୍ଡ ଟେକିଲାଣି। ନ ହେଲେ କେବଳ ଧାରଣା ଦେବାରେ ଅଭିଜ୍ଞତା ଥିବା ଏବଂ କେବଳ ମହାରାଷ୍ଟ୍ର ଓ ଆଖପାଖ ରାଜ୍ୟରେ ପରିଚିତି ପାଇଥିବା ସମାଜସେବୀ ଆନ୍ନା ହଜାରେ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି ଚାହୁଁ ଚାହୁଁ ଏକ ସର୍ବଭାରତୀୟ 'ଆଇକନ୍'ରେ କେବେ ପରିଣତ ହୋଇପାରି ନ ଥାନ୍ତେ। ଆନ୍ନା ହଜାରେ ସର୍ବଭାରତୀୟ ଜନରୋଷର ସଙ୍କେତ। ଏଇ ପୃଷ୍ଠଭୂମିରେ ଭାରତ ତଥାପି ଚମକୁଛି ବୋଲି ଅତ୍ୟୁତ୍ସାହୀ ହୋଇ ପଡ଼ିବା ରୁଚିରଙ୍କ ମତରେ ବିଭ୍ରାନ୍ତିକର ହୋଇପାରେ। ତେବେ ଆଗାମୀ ବର୍ଷମାନଙ୍କରେ ଭାରତ ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବରେ ଉଭା ହେବାର ଆଶା ୫୦-୫୦। କାରଣ, କିଛି ଜିନିଷ ତଥାପି ଭାରତର ସପକ୍ଷରେ ଅଛି, ଯଥା ଏହାର ଯୁବଶକ୍ତି। ୨୦୨୦ ସୁଦ୍ଧା ଚୀନାମାନଙ୍କ ହାରାହାରି ବୟସ ହେବ ୩୭, ୟୁରୋପୀୟମାନଙ୍କ କ୍ଷେତ୍ରରେ ତାହା ୪୯ କିନ୍ତୁ ଭାରତୀୟମାନଙ୍କ ପାଇଁ ତାହା ହେବ ୨୯। ଅର୍ଥାତ୍ ଯୁବଶକ୍ତିର ଠିକ୍ ଉପଯୋଗ ଭାରତ ସକାଶେ ନିର୍ଣ୍ଣାୟକ ହେବ। ଅନ୍ୟ ପକ୍ଷରେ ଶର୍ମାଙ୍କ ମତ ଯେ ଭାରତ ଏବଂ ବ୍ରାଜିଲ୍‌ର ଅର୍ଥନୀତି ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିଛି। ବ୍ରାଜିଲ୍‌ର ବୋଲ୍‌ସା ଫାମିଲିଆ ଇନ୍‌କମ୍ ଯୋଜନା ତୁଳନୀୟ ଆମର ଏମ୍‌ଜିନରେଗା ସହିତ। ତେବେ ବ୍ରାଜିଲ୍‌ରେ ଏମିତି ଯୋଜନା ୧୯୭୦ ଦଶକରେ ନକାରାତ୍ମକ ସାବ୍ୟସ୍ତ ହୋଇ ସାରିଛି। ଭାରତରେ ରିଜର୍ଭ ବ୍ୟାଙ୍କ୍ ସତର୍କ କରିଦେଲାଣି ଯେ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଯୋଗୁଁ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି (ମଜୁରି କ୍ଷେତ୍ରରେ) ୨୦୧୧ ସୁଦ୍ଧା ୧୫% ବଢ଼ିସାରିଛି। ସରକାର ଏକଥା ଚିନ୍ତା କରିବା ଦରକାର ଏବଂ ଯୋଜନାରେ ପରିବର୍ତ୍ତନ ଆଣିବା ଉଚିତ। ଶର୍ମାଙ୍କ ମତ ଯେ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ଦୁର୍ବଳତାମାନ ମଧ୍ୟ ରହିଛି। ଉଦ୍ୟୋଗୀମାନେ ଆଭ୍ୟନ୍ତରୀଣ ବଜାରକୁ ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଉ ନାହାନ୍ତି। ଭାରତୀୟ ମଧ୍ୟବର୍ଗ ଫୁଲୁଛନ୍ତି ଏବଂ ଉପଭୋକ୍ତା ବଜାରରେ ସେଇମାନେ ହିଁ ମୁଖ୍ୟାଂଶ। ସେମାନଙ୍କର ଠିକ୍ ବିଶ୍ଳେଷଣ

ହୋଇ ନାହିଁ। ପରିସ୍ଥିତିକୁ ଅଧିକ ଗୋଳମାଳିଆ କରୁଛି ବ୍ୟବସାୟ ଜଗତ୍‌ରେ ଦୃଶ୍ୟମାନ ନିୟନ୍ତ୍ରଣହୀନତା। ଭାରତରେ ଆଇନର ରାଜତ୍ୱ ଯେତିକି ନାହିଁ ସେତିକି ଅଛି ବ୍ୟକ୍ତିଗତ ସମ୍ପର୍କର। କହିପାରନ୍ତି ଯୋଗାଡ଼ର, ଧରାଧରିର। ଜମି, ଜଳ, ଜଙ୍ଗଲ, ଖଣି, ଶିଳ୍ପ ସବୁ ପ୍ରଭାବିତ ହୋଇସାରିଛି ଏଇ ବିଷଚକ୍ରରେ। ଏଠି କିଛି ଲୋକ ଧାରାବାହିକ ଭାବେ ଧନୀ ହେବାରେ ଲାଗିଛନ୍ତି। ୨୦୦୦ ମସିହାରେ ପୃଥିବୀର ଶହେ ବିଲିଅନ୍‌ପତିଙ୍କ ଭିତରେ ଭାରତରେ ଜଣେ କେହି ନ ଥିଲେ। ଏବେ ବିଶ୍ୱର ପ୍ରଥମ ଶହେ ଜଣ ପ୍ରମୁଖ ଧନୀଙ୍କ ଭିତରେ ଅଛନ୍ତି ୭ ଜଣ ଭାରତୀୟ। ବିଲୟନେୟାର ସୂଚକାଙ୍କ (ଏପ୍ରିଲ୍ ୨୦୧୧/ ଆଇଏମ୍‌ଏଫ୍ ୱାର୍ଲ୍ଡ ଇକନୋମିକ୍ ଆଉଟ୍‌ଲୁକ୍) ଅନୁଯାୟୀ ଭାରତରେ ବିଲିଅନ୍‌ପତିଙ୍କ ସଂଖ୍ୟା ୫୫। ସେମାନଙ୍କ ମୋଟ ସମ୍ପତ୍ତି ୨୪୬.୫ ବିଲିଅନ୍ ଡଲାର ଯାହା ଭାରତୀୟ ଜିଡିପିର ୧୭.୨%। ଏହା କୌଣସି ସୁସ୍ଥ ଅର୍ଥନୀତିର ନୁହେଁ, ବରଂ ମହା ଅସନ୍ତୁଳନର ଜଳଛବି, କାରଣ ଭାରତୀୟ ଅର୍ଥନୀତିର ଅବୟବ ଏଇ ଘରୋଇ ଐଶ୍ୱର୍ଯ୍ୟର ଆନୁପାତିକ ଆଦୌ ନୁହେଁ। ଗତ ୬ ବର୍ଷ ଭିତରେ ଧନୀ ତାଲିକାରେ ଭାରତର ୧୦ ଜଣ ସବୁଠୁ ଧନୀଙ୍କ ମଧ୍ୟରୁ ୯ ଜଣ ଅପରିବର୍ତ୍ତିତ ଅଛନ୍ତି। ରୁଚିର ଏ କଥା ମଧ୍ୟ କହିଛନ୍ତି ଯେ ଉଭୟ ବଲିଉଡ୍ ଏବଂ ଦେଶର ପାର୍ଲାମେଣ୍ଟ ବ୍ୟବସ୍ଥାରେ ବଂଶାନୁକ୍ରମିକତା ଏକ ଅବଧାରିତ ପ୍ରକ୍ରିୟା ହୋଇ ରହିଥିବା ପରି ଅର୍ଥନୀତିର ଉପର ମୁଣ୍ଡରେ ସଂପଦର ଭୟଙ୍କର ଅସନ୍ତୁଳନ ଏକ ଅଶୁଭ ଲକ୍ଷଣ। ସରକାର ଏ ଅଭାବନୀୟ ବୈଷମ୍ୟ ଦୂର କରିବା ପାଇଁ ଚେଷ୍ଟା ନ କରି ଯୋଜନା ଖର୍ଚ୍ଚ ବଢ଼େଇ ଚାଲିଛନ୍ତି। ଗତ ପାଞ୍ଚବର୍ଷ ଭିତରେ ଦେଶର ବିତ୍ତୀୟ ନିଅଣ୍ଟ ଏହାର ଜିଡିପିର ୬% ରୁ ବଢ଼ି ୯%ରେ ପହଞ୍ଚିଛି। ପୁଣି ଆମର ମୋଟ ଘରୋଇ ଉତ୍ପାଦନକୁ ଆଖି ଆଗରେ ରହିଲେ ମୋଟ ଋଣର ଅନୁପାତ ୭୦%। ପୃଥିବୀର ଅନ୍ୟ କୌଣସି ବିକାଶଶୀଳ ଅର୍ଥନୀତି ଏମିତି ଦୁରାବସ୍ଥାରେ ନାହାଁନ୍ତି। ଏସବୁ ସତ୍ତ୍ୱେ ବି ଶର୍ମା ଆଶାବାଦୀ ଯେ ଭାରତ ନିଜ ସ୍ଥିତିର ସମୀକ୍ଷା କରିବ ଏବଂ ଆଗକୁ ଯିବା ପାଇଁ ବାଟ କାଢ଼ିବ। ସେଇଥିପାଇଁ ଆଉ 'ରୋପ୍ ଟ୍ରିକ୍'ର ଆବଶ୍ୟକତା ପଡ଼ିବ ନାହିଁ ଅବଶ୍ୟ।

ପାଠକେ, ଦେଶରେ 'ଯୋଜନା ମରୁଡ଼ି' ପଡ଼ିଛି ବୋଲି ଅର୍ଥଶାସ୍ତ୍ରୀମାନେ କହିଲେଣି, କିନ୍ତୁ ଆମ ଯୋଜନା କମିସନଙ୍କ ପକ୍ଷରୁ ନୂଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୨୦୨୦ ସୁଦ୍ଧା ଭାରତ ହେବ ଦାରିଦ୍ର୍ୟମୁକ୍ତ। ଏକ ବେସରକାରୀ ଆକଳନ ଅନୁଯାୟୀ ଭାରତର ପାଖାପାଖି ୫୦ ଭାଗ ଲୋକ ପେଟ ପୂରେଇ ଦୁଇଓଳା ଖାଇବାକୁ ପାଆନ୍ତି ନାହିଁ। ସାପ ଶିଡ଼ି ଖେଳରେ ସେମାନଙ୍କ ଭାଗ୍ୟରେ ଏ ଯାଏଁ କେବଳ ସାପ ହିଁ ପଡ଼ିଛି। ଆପଣ ତଥାପି ଆଶା ରଖିପାରନ୍ତି।

●

(ସମ୍ବାଦ: ୧୭/୫/୨୦୧୨)